## ଯୁବକଙ୍କ ଉନ୍ମତ୍ତ କାଣ୍ଡ, ଖଟ ପକାଇ ରାଜପଥ ଅବରୋଧ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା-ଅର୍ମଦା ୬୧ ନଂ ରାଜ୍ୟ ରାଜପଥ ଉପରେ ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ଖଟ ପକାଇ ରାଜପଥ ଅବରୋଧ କରିବାରୁ ବାରମାଇଲ ଛକ ଠାରେ ଶତାଧିକ ଗାଡ଼ି ବହୁ ସମୟ ଧରି ଅଟକି ରହିଥିଲା। ମୋରଡ଼ା ତହସିଲଦାର ଉକ୍ତ ରାସ୍ତାରେ ଚିତ୍ରଡ଼ା ସ୍ଥିତ କାର୍ଯ୍ୟାଳୟକୁ ଆସିବା ସମୟରେ ଅଟକି ରହିଥିଲେ। ପରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ଯୁବକ ଓ ଖଟକୁ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### କୋଭିଡ୍ ହସ୍ପିଟାଲରେ ରାଜ୍ୟ ଭାଜପା ଟିମ୍

**କେନ୍ଦୁଝର ୧୩।୫ (ସ୍ୱ.ପ୍ର.):** ଭାଜପା ରାଜ୍ୟ ପ୍ରବକ୍ତା ଦିଲିପ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର କେନ୍ଦୁଝର ଜିଲା ମୁଖ୍ୟାଳୟ ରାଙ୍କି ସ୍ଥିତ କୋଭିଡ ହସ୍ପିଟାଲ ଗସ୍ତ କରି କୋଭିଡ ପରିଚାଳନା ଓ ଅବ୍ୟବସ୍ଥା ଉପରେ ସମୀକ୍ଷା କରି ଫେରିଛନ୍ତି। କୋଭିଡ ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଳମ୍ବରେ ଅକ୍ସିଜେନେରେଟର କାର୍ଯ୍ୟକ୍ଷମ କରିବା ଏବଂ ବହୁ ଯନ୍ତ୍ରପାତି କିଣାଯାଇଥିଲେ ହେଁ ଉପଯୋଗ ହୋଇ ପାରୁ ନ ଥିବା ଅଭିଯୋଗ କରିଥିଲେ। ଗତ ୫ତାରିଖରେ ହସ୍ପିଟାଲରେ ହୋଇଥିବା ବହୁ ଲୋକଙ୍କ ମୃତ୍ୟୁକୁ ନେଇ ଭିଡିଓ ଭାଇରାଲ ଘଟଣାକୁ ନେଇ ଟିମ୍ ଉଦବେଗ ପ୍ରକାଶ କରିଛନ୍ତି। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଟିମ ଦାବି କରିବା ସହ ସମସ୍ତ ତଥ୍ୟ ଲୋକ ଲୋଚନକୁ ଆଣିବା ପାଇଁ କୁହାଯାଇଛି ବୋଲି ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ ସୂଚନା ଦେଇଛନ୍ତି।

### ନିରାଡ଼ମ୍ବରରେ ପାଳନ ହେବ ଇଦ୍-ଉଲ୍-ଫିତର

**ଭଦ୍ରକ ଅଫିସ,୧୩।୫:** କୋଭିଡ୍ କଟକଣା ଜାରି ରହିଥିବାରୁ ଚଳିତବର୍ଷ ଭଦ୍ରକ ଜିଲାରେ ନିରାଡ଼ମ୍ବରରେ ପାଳନ ହେବ ଇଦ୍-ଉଲ୍-ଫିତର। ଶୁକ୍ରବାର ଏହି ପର୍ବ ପାଳନ ହେବାକୁ ଥିବାବେଳେ ଭଦ୍ରକ ସହରର ଇଦ୍‌ଗାହାଠାରେ ସାମୂହିକ ନମାଜ ପାଠ ହେବ ନାହିଁ କେବଳ ବିଧି ଅନୁଯାୟୀ ପ୍ରଶାସନିକ ଅନୁମତିରେ ମାତ୍ର ୪ ଜଣ ନମାଜ ପାଠ କରିବେ। ସମସ୍ତ ମସ୍‌ଜିଦରେ ମଧ ଅନୁରୂପ ଭାବେ ପର୍ବ ପାଳନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଇଦ୍ ଉପଲକ୍ଷେ ଭଦ୍ରକବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୋଭିଡ୍ କଟକଣା ମାନିବା ପାଇଁ ଅନୁରୋଧ କରିଛନ୍ତି।

### ଦିନମଜୁରିଆଙ୍କୁ ବାଣ୍ଟିଲେ ଖାଦ୍ୟ ପୁଡିଆ

**ଖଇରା, ୧୩।୫(ଡି.ଏନ.ଏ.):** କରୋନା ସାଧାରଣ ଲୋକଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି। ଏଭଳି ସମୟରେ ସହଯୋଗ ହାତ ବଢ଼ାଇଛନ୍ତି ଖଇରା ବ୍ଲକ ବିଜେଡି ଦଳର ଛାତ୍ର ଜନତା ସଭାପତି ମାନସ କୁମାର ଦାଶ। ନିଜର ସଞ୍ଚିତ ଅର୍ଥକୁ ଭୋକିଲା ଦିନମଜୁରିଆଙ୍କ ଲାଗି ସେ ବ୍ୟୟ କରିଛନ୍ତି। ଗତ କିଛିଦିନ ଧରି ସେ କାମ ଧନ୍ଦା ନ ପାଇ ଭୋକ ଉପାସରେ ଘରେ ରହୁଥିବା ବ୍ୟକ୍ତିମାନଙ୍କୁ ଭେଟି ଖାଦ୍ୟପୁଡିଆ ବଣ୍ଟନ କରିଛନ୍ତି। ଏଥିସହିତ କରୋନାର ସଚେତନତା କରାଇବା ସହିତ ମାସ୍କ ଦେବାକୁ ଭୁଲି ନାହାନ୍ତି। ଗ୍ରାମର ଲମ୍ବୋଧର ବେହେରା, ରମାକାନ୍ତ ନାୟକ, ନବଘନ ସାହୁ, ଗୌରାଙ୍ଗ ମିଶ୍ର, ବଳରାମ ଲେଙ୍କା, ପ୍ରହଲ୍ଲାଦ ଗିରିଙ୍କ ସମେତ ଗୋପବନ୍ଧୁ ସାହୁ ସହଯୋଗ କରିଥିଲେ।

### ଚୋରା କାଠ ଜବତ

**ପାଟଣା, ୧୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ରାଇଡିହା ବିଟ କରଞ୍ଜିଆପଡା ଗ୍ରାମର ଜଣେ ମହିଳାଙ୍କ ଘରୁ ଗୁରୁବାର ଅପରାହ୍ନରେ ବନ ବିଭାଗ ଓ ପାଟଣା ପୋଲିସ ମିଳିତ ଚଢାଉ କରି ୮୮ ଖଣ୍ଡ ଗମ୍ଭାରୀ ପଟା, ୭ଖଣ୍ଡ ଶାଗୁଆନ ପଟା ଓ ୧୮ ଖଣ୍ଡ ଶାଳ ଚୌକାଠ ଜବତ କରିଛି। ଜବତ କାଠଗୁଡିକର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ପାଟଣା ରେଞ୍ଜ ତରଫରୁ ମାମଲା ରୁଜୁ ହୋଇଛି। ଡେପୁଟି ରେଞ୍ଜର ଖଗେଶ୍ୱର ବାରିକ, ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ଏଏସଆଇ ରଣଜିତ ପଟ୍ଟନାୟକ, ସାହାରପଡା ବନପାଳ ମୋହିନୀ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଅମାନିଆଙ୍କ ବାଇକ୍ ଜବତ

**ଝୁମ୍ପୁରା, ୧୩।୫(ଡି.ଏନ.ଏ.):** କେନ୍ଦୁଝର ଝୁମ୍ପୁରା ଥାନା ଅଧିକାରୀ ବିରେନ୍ଦ୍ର ଶିଆଳ ବୁଧବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କେତେକ ଅମାନିଆ ଯୁବକଙ୍କ ଠାରୁ ୯ଟି ବାଇକ ଜବତ କରିଛନ୍ତି। ବାଇକ୍ ଗୁଡିକ ଝୁମ୍ପୁରା ଥାନାରେ ରଖାଯାଇଛି। ଝୁମ୍ପୁରା ପୋଲିସ ପକ୍ଷରୁ ରାତ୍ରିକାଳିନ ପାଟ୍ରୋଲିଂ ବ୍ୟବସ୍ଥା ଜୋରଦାର କରିବା ସହିତ କଡା ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

### ବାଇକ୍ ଧକ୍କାରେ ମହିଳା ଗୁରୁତର

**ସୋର, ୧୩।୫(ଡି.ଏନ୍.ଏ.):** ସୋର ମ୍ୟୁନିସିପାଲିଟି ଅଧୀନ ଜାତୀୟ ରାଜପଥ ମାଟିଆପଲା ଛକରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମାଟିଆ ବସ୍ତିର ଶ୍ୟାମ ସିଂଙ୍କ ସ୍ତ୍ରୀ ବାସନ୍ତୀ(୫୦) ଏହି ଛକରେ ରାସ୍ତା ପାର୍ ହେଉଥିବା ବେଳେ ସମୟରେ ଏକ ବାଇକ୍ ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରାଜପଥ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ଆୟୁର୍ବେଦିକ ଔଷଧ ବଣ୍ଟନରେ ବିଳମ୍ବ

**ବାଲେଶ୍ୱର ଅଫିସ, ୧୩।୫**

ମହାମାରୀ କରୋନା ସମୟରେ ଜିଲାରେ ସଂକ୍ରମଣ ହୁ ହୁ ହୋଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଁ ନିୟମିତ ଯୋଗ ପ୍ରାଣାୟମ ସାଙ୍ଗକୁ ଆୟୁର୍ବେଦ ଔଷଧ ସେବନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସରକାରୀ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ନିୟମିତ ଔଷଧ ଯୋଗାଇ ଦିଆଯାଉଛି। ହେଲେ ବାଲେଶ୍ୱର ଜିଲା ଆୟୁର୍ବେଦ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଧୀନରେ ଥିବା ବାଲେଶ୍ୱର ଓ ଭଦ୍ରକ ଜିଲାରେ ଔଷଧ ବଣ୍ଟନରେ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କରୋନାର ପ୍ରଥମ ଲହର ସମୟରେ ବହୁ ମୂଲ୍ୟ ଆୟୁର୍ବେଦିକ ଔଷଧ ବାଲେଶ୍ୱର ଓ ଭଦ୍ରକ ଜିଲାର ଜନସାଧାରଣଙ୍କୁ ବଣ୍ଟନ କରାଯାଇ ପାରି ନ ଥିଲା। ଏହାକୁ ନେଇ ସଚେତନ ବରିଷ୍ଠ ନାଗରିକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କର୍ମଚାରୀ ଅଭାବରୁ ଔଷଧ ବଣ୍ଟନ ହୋଇପାରୁ ନ ଥିବା ଜିଲା ମୁଖ୍ୟ ଆୟୁର୍ବେଦିକ ଚିକିତ୍ସାଳୟ ପକ୍ଷରୁ କୁହାଯାଉଛି।

ଜିଲା ମୁଖ୍ୟ ଆୟୁର୍ବେଦିକ ହସ୍ପିଟାଲ ଅଧୀନରେ ବାଲେଶ୍ୱରରେ ୨୩ ଓ ଭଦ୍ରକରେ ୨୧ଗୋଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ସାଙ୍ଗକୁ ୨ଟି ଲେଖାଏଁ ୟୁନାନି ଚିକିତ୍ସା କେନ୍ଦ୍ର ରହିଛି। ଦୁଇ ଜିଲାର ମୋଟ୍ ୪୮ଟି କେନ୍ଦ୍ରରେ ୩୬ଜଣ ଡାକ୍ତର ରହିଥିବା ବେଳେ ୧୨ଜଣ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। କରୋନା ପ୍ରଥମ ଲହର ସମୟରେ ଲୋକଙ୍କ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ କଶ୍ମୀର, ହିମାଚଳ ପ୍ରଦେଶ ଆଦି ରାଜ୍ୟର ପ୍ରମୁଖ ଆୟୁର୍ବେଦିକ ସଂସ୍ଥାରୁ ବହୁ ମୂଲ୍ୟବାନ ଔଷଧ ଆସିଥିଲା। ବିଶେଷ କରି ଏହି ଔଷଧ ମଧ୍ୟରେ ଥିବା ଗିଲୟ, ସୁବର୍ଣ୍ଣ ଚୂର୍ଣ୍ଣ, ପୁନର୍ଣ୍ଣବା ଚୂର୍ଣ୍ଣ, ଆୟୁର୍ବେଦିକ ଆଇରନ ବଟିକା, ଗୁଣ୍ଡିଚିମିସ ଏବଂ କାଢ଼ା ଉପାଦାନ ଆଦି ଥିଲା। ଏସବୁ ଔଷଧ ସବୁ ବର୍ଗର ଲୋକଙ୍କ ପାଇଁ ଉପାଦେୟ ହୋଇଥିବା ବେଳେ ବୟସ୍କଙ୍କ ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ ଅଟେ। ମାତ୍ର ବାଲେଶ୍ୱରରେ ଏହି ଔଷଧ ବଣ୍ଟନ ହେବାରେ ଅସୁବିଧା ଦେଖାଦେଇଛି। ଦ୍ୱିତୀୟ ଲହର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏବେ ପୁଣି ଅନ୍ୟ ବହୁ ମୂଲ୍ୟବାନ ଔଷଧ ପର୍ଯ୍ୟାୟକ୍ରମେ ଜିଲାକୁ ଆସିବାରେ ଲାଗିଛି। ଦୁଇ ଜିଲା ପାଇଁ ପ୍ରତିବର୍ଷ ଦୁଇଟି ପର୍ଯ୍ୟାୟରେ ଔଷଧ ଜିଲା ମୁଖ୍ୟ ଆୟୁର୍ବେଦିକ କେନ୍ଦ୍ରକୁ ମିଳିଥାଏ।

ଏନେଇ ଜିଲା ମୁଖ୍ୟ ଆୟୁର୍ବେଦ ଚିକିତ୍ସକ ଡା. ରାମଚନ୍ଦ୍ର ବେହେରା କହନ୍ତି, ଦୀର୍ଘଦିନ ଧରି ଆବଶ୍ୟକ ସଂଖ୍ୟକ ଚିକିତ୍ସକ ଓ ସହକାରୀଙ୍କୁ କୋଭିଡ୍ କେୟାର ୟୁନିଟ୍ ଓ କୋଭିଡ୍ ହସ୍ପିଟାଲ ପରିଚାଳନାରେ ନିୟୋଜିତ କରାଯାଇଥିଲା। ଫଳରେ ପ୍ରତ୍ୟେକ ସେଣ୍ଟରରେ ଔଷଧ ପହଞ୍ଚାଯାଇଥିଲେ ମଧ ବଣ୍ଟନରେ ଅସୁବିଧା ଦେଖାଦେଇଥିଲା। ତେବେ ଗତ ଡିସେମ୍ବରରୁ କୋଭିଡ୍ ହସ୍ପିଟାଲ ସମେତ ସମସ୍ତ କୋଭିଡ୍ କେୟାର ୟୁନିଟ୍ ବନ୍ଦ ହେବା ପରେ ଚିକିତ୍ସକ ଓ କର୍ମଚାରୀମାନେ ନିଜର କର୍ମକ୍ଷେତ୍ରକୁ ଫେରି କାର୍ଯ୍ୟରେ ଲାଗିଛନ୍ତି। ଅଭାବ ଥିବା ସହାୟକ ପଦବୀ ଅଳ୍ପଦିନ ପୂର୍ବରୁ ପୂରଣ ହୋଇଛି। ଡାକ୍ତର ପଦବୀ ପୂରଣ ପାଇଁ ବିଭାଗ ଅତିଶୀଘ୍ର ପଦକ୍ଷେପ ନେଉଛି। ଚଳିତବର୍ଷ ଆସିଥିବା ଔଷଧକୁ ଡ୍ରଗ୍ସ ଟେଷ୍ଟିଂ ସେଣ୍ଟର (ଭୁବନେଶ୍ୱର)କୁ ପଠାଯାଇଛି। ପରୀକ୍ଷା ରିପୋର୍ଟ ମିଳିଲେ ଲୋକଙ୍କୁ ବିତରଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଛତ୍ରପୁର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ।

## ରାସ୍ତା କଡ଼ରେ ପଡ଼ିଛି ବ୍ୟବହୃତ ପିପିଇ କିଟ୍

**ବାରିପଦା ଅଫିସ,୧୩।୫**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ଦିନକୁ ଦିନ ବଢି ଚାଲିଛି। ରୋଗୀମାନଙ୍କୁ ଚିକିତ୍ସା ତଥା ଟେଷ୍ଟିଂ ଏବଂ କରେନାରୁ ସୁରକ୍ଷା ନିମନ୍ତେ ମେଡିକାଲ ଷ୍ଟାଫଙ୍କୁ ପିପିଇ କିଟ ବ୍ୟବହାର କରିବାକୁ ଦିଆଯାଇଥାଏ। ଏକ ବ୍ୟବହୃତ ପିପିଇ କିଟ୍ ଜାଲଦା ପଞ୍ଚାୟତ ବାଁସଦା ଗ୍ରାମ ଛକର କେନାଲ ରାସ୍ତା କଡରେ ପଡ଼ିଛି। ଏନେଇ ଗାଁ ଲୋକେ ଭୟଭୀତ ହୋଇଯାଇଛନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ ଗତକିଛି ଦିନ ପୂର୍ବରୁ ମଧ ସେହି ସ୍ଥାନରେ ଏହିଭଳି ପିପିଇ କିଟ୍ ମିଳିଥିଲା ଯାହାକୁ ଗ୍ରାମବାସୀ ସତର୍କତାର ସହିତ ନିଆଁ ଲଗାଇଦେଇଥିଲେ। ତେବେ ବାରମ୍ବାର ଏହିଭଳି ଜନବସତିପୂର୍ଣ୍ଣ ସର୍ବସାଧାରଣ ସ୍ଥାନରେ ପିପିଇ କିଟ୍ ମିଳିବା ଦ୍ୱାରା କେହି ସଂକ୍ରମିତ ହେବାର ଆଶଙ୍କା ରହିଛି। ଏଥିପ୍ରତି ପ୍ରଶାସନ ନଜର ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶିଶୁକନ୍ୟାକୁ ଛାଡ଼ି ମା’ ଫେରାର

**ଉଦଳା, ୧୩।୫ (ଡି.ଏନ.ଏ.)**

୩ ମାସର ଶିଶୁକନ୍ୟାକୁ ଛାଡ଼ି ମା’ ଫେରାର। ଆଉ ଏବେ ଅସହାୟ ଶିଶୁକନ୍ୟା ମା’ କୋଳ ଖୋଜି କାନ୍ଦୁଛି। ଗୁରୁବାର ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ନାଗପାଳ ଅଞ୍ଚଳରେ। ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ନାଗପାଳ କେନାଲ ରାସ୍ତାରେ ପାଣ୍ଡୁ ହାଁସଦା ନାମକ ଜଣେ ଯୁବକ ଠିଆ ହୋଇଥିଲେ। ଏହି ସମୟରେ ଜଣେ ମହିଳା ଶିଶୁକନ୍ୟାକୁ ଧରି ଉକ୍ତ ରାସ୍ତାରେ ଯାଉଥିବା ବେଳେ ତାଙ୍କ ପାଖରେ ଅଟକିଥିଲେ। ମହିଳାଙ୍କ ସହ ଅନ୍ୟ ଜଣେ ବ୍ୟକ୍ତି ମଧ ଥିଲେ। ମହିଳା ଜଣଙ୍କ ପାଣ୍ଡୁଙ୍କ ହାତରେ ଶିଶୁକନ୍ୟାକୁ ଧରାଇ ଦେଇଥିଲେ। ଛୁଆକୁ ଧରି ୧୦ ମିନିଟ୍ ଠିଆ ହୋଇଥାଅ ଟଙ୍କା ନେଇ ଆସୁଛି ବୋଲି କହି ସେ ପଳାଇଥିଲେ। ହେଲେ ଦୁଇଘଣ୍ଟା ବିତିବା ପରେ ମଧ ଉକ୍ତ ମହିଳା ଆଉ ଫେରି ନ ଥିଲେ। ଶେଷରେ ପାଣ୍ଡୁ ଶିଶୁଟିକୁ ଧରି ନାଗପାଳ ଗ୍ରାମ ଭିତରକୁ ଆସି କ୍ଷୀର ଖୋଜିଥିଲେ। ସ୍ଥାନୀୟ ଲୋକେ ପଚାରିବାରୁ ସେ ଘଟଣା ବିଷୟରେ କହିଥିଲେ। ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ପାନ ମାରାଣ୍ଡି ନାମ୍ନୀ ସ୍ଥାନୀୟ ମହିଳା ପାଣ୍ଡୁଙ୍କ ନିକଟରୁ ଶିଶୁକନ୍ୟାକୁ ନେବା ସହ ତାଟିଆରେ କ୍ଷୀର ଆଣି ଖୁଆଇବାକୁ ଚେଷ୍ଟା କରିଥିଲେ।

ପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ପାଣ୍ଡୁଙ୍କୁ ପଚରାଉଚରା କରିବାରୁ ସମ୍ପୃକ୍ତ ମହିଳା ଜଣଙ୍କ ତାଙ୍କ ଘର ବୃନ୍ଦାଗଡ଼ି ଅଞ୍ଚଳରେ କହିଥିବା ସେ ଜଣାଇଥିଲେ। ହେଲେ ପାଣ୍ଡୁ ସେହି ମହିଳାଙ୍କୁ ଚିହ୍ନି ନ ଥିବା କହିଥିଲେ। ଖବର ପାଇ ଉଦଳା ସିଡିପିଓ ଆଲାଦି ମାରାଣ୍ଡି ପହଞ୍ଚି ପୋଲିସ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶିଶୁକନ୍ୟା ଡାକ୍ତରଖାନାର ଶିଶୁ ବିଭାଗରେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବା ଡା. ଶିଶୁରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀକାନ୍ତ ପତି ସୂଚନା ଦେଇଛନ୍ତି। ଅନ୍ୟପଟେ ପାନ ମାରାଣ୍ଡିଙ୍କ ହେପାଜତରେ ଏବେ ଶିଶୁକନ୍ୟା ରହିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।


ପାନ ମାରାଣ୍ଡିଙ୍କ କୋଳରେ ଶିଶୁ କନ୍ୟା।

## ଚମ୍ପୁଆର ୨ ୱାର୍ଡ ନିଷିଦ୍ଧାଞ୍ଚଳ

**ଚମ୍ପୁଆ/ଝୁମ୍ପୁରା, ୧୩।୫(ଡି.ଏନ.ଏ.)**

କରୋନାର ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ଚମ୍ପୁଆ ଏନ୍ଏସିରେ ୭ ଓ ୮ ନଂ ୱାର୍ଡରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି। ଏହାକୁ ଆଖି ଆଗରେ ରଖି ଚମ୍ପୁଆ ପ୍ରଶାସନ ପକ୍ଷରୁ ଉକ୍ତ ଦୁଇ ୱାର୍ଡକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ସାଇ ସସ୍ମିତା ହୋତା, ଥାନା ଅଧିକାରୀ ଗଗନ ବିହାରୀ ନାଏକ, ଓ ସାନିଟାଇଜ ଇନଚାର୍ଜ ବିଜୟ କୁମାର ମିଶ୍ରଙ୍କ ଉପସ୍ଥିତିରେ ଗୁରୁବାର ଧଲାଡିହି ଗ୍ରାମର ତହସିଲ ଛକଠାରୁ ଆରମ୍ଭ କରି ୫ଟି ସ୍ଥାନରେ ବାଉଁଶ ବନ୍ଧାଯାଇ ନିଷିଦ୍ଧାଞ୍ଚଳ ବୋର୍ଡ ଲଗାଯାଇଛି। ଏକ ପ୍ରକାର ସିଲ୍ କରିଦିଆଯାଇଛି। ୨୦ ତାରିଖ ମଧରାତ୍ରି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି କୁହାଯାଇଛି।

## ରେମୁଣା ତହସିଲ କମ୍ପ୍ୟୁଟର ରୁମ୍‌ରେ ଅଗ୍ନିକାଣ୍ଡ

**ରେମୁଣା,୧୩।୫(ଡି.ଏନ.ଏ.)**

**ଜଳିଗଲା ଆସବାବପତ୍ର, ଦରକାରୀ କାଗଜପତ୍ର**

ବାଲେଶ୍ୱର ଜିଲା ରେମୁଣା ତହସିଲ ଅଫିସର କମ୍ପ୍ୟୁଟର ରୁମ୍‌ରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ରୁମର ସମସ୍ତ କମ୍ପ୍ୟୁଟର ଏବଂ ଲୋକଙ୍କ ଦରକାରୀ କାଗଜପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏହି ସମୟରେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଜଣେ ମହିଳା କର୍ମଚାରୀ ଶୌଚ ହେବାକୁ ଯାଇଥିବା ବେଳେ କୋଠରୀରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟମାନଙ୍କୁ ଡାକ ପକାଇଥିଲେ। ରୁମ୍‌ର ସମସ୍ତ ଝରକା କବାଟ ଆଦି ବନ୍ଦ ରହିଥିଲା। କୋଠରୀ ଭିତରେ ଧୂଆଁ ଭରି ଯାଇଥିଲା ଏବଂ କିଛି ସମୟ ପରେ ଗୋଟିଏ ଝରକା ମଧ ଫାଟିଯାଇଥିଲା। ରେମୁଣା ଅଗ୍ନିଶମ କର୍ମଚାରୀ କବାଟ କାଚ ଭାଙ୍ଗି ଭିତରକୁ ପଶି ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିକାଣ୍ଡରେ ୪ଟି କମ୍ପ୍ୟୁଟର, ୩ଟି ପ୍ରିଣ୍ଟର, ଏସି ଏବଂ ଅନ୍ୟ ଦରକାରୀ କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଯାହାର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ଭାରପ୍ରାପ୍ତ ତହସିଲଦାର ମନୋଜ ସେନାପତି କହିଛନ୍ତି । ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

## ଶିବାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ


ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ,୧୩।୫**

ବାଲେଶ୍ୱର ଶିବସେନା ପକ୍ଷରୁ ହିନ୍ଦୁତ୍ୱର ପ୍ରତୀକ ଭାରତବର୍ଷର ମହାନ ଯୋଦ୍ଧା ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୪ତମ ଜୟନ୍ତୀ ଗୁରୁବାର ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସମସ୍ତେ ଶିବାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଜିଲା ଶିବସେନା ପ୍ରମୁଖ ପଦ୍ମଲୋଚନ ପତି ବକ୍ତବ୍ୟରେ କହିଥିଲେ। ଛତ୍ରପତି ଶିବାଜୀ ମହାରାଜଙ୍କ ଜୀବନାବଳୀ ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ଚର୍ଚ୍ଚା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଅଜୟ କୁମାର ବିଶ୍ୱାଳ, ଉତ୍ତରଓଡ଼ିଶା ସମ୍ପର୍କ ପ୍ରମୁଖ ଅକ୍ଷୟ କୁମାର ଦାସ, ଉପପ୍ରମୁଖ ମନୋରଞ୍ଜନ ପରିଡ଼ା, ମହାସଚିବ ଫୁନା ମହାପାତ୍ର, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମିଡ଼ିଆ ସଂଯୋଜକ ସୁଶାନ୍ତ କୁମାର ସ୍ୱାଇଁ ଓ ସୁରେଶ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।

## କାଳ ବୈଶାଖୀ: ଗଛ ପଡ଼ି ଭାଙ୍ଗିଲା ଘର

**ଚମ୍ପୁଆ/ଝୁମ୍ପୁରା, ୧୩।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକର ରଜିଆ ଗ୍ରାମରେ ଗତ ବୁଧବାର କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ବଡ ବଡ ଗଛ ପଡି ବିଭିନ୍ନ ଘର ଦ୍ୱାର କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏହି ଗଛ ପଡିବା ଦ୍ୱାରା ଜଗବନ୍ଧୁ ମହାରଣା ଓ ଜଜାତି କିଶୋରୀ ପ୍ରଧାନଙ୍କ ଘର ଭାଙ୍ଗିଯାଇଛି।

# କରୋନା ମୃତକଙ୍କ ଶବଦାହ କଲେ ପରିବାର ଲୋକେ

**ବାଙ୍ଗିରିପୋଷି, ୧୩।୫(ଡି.ଏନ.ଏ.)**

**ଜାଣିପାରିଲାନି ପ୍ରଶାସନ**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ଜଣେ କରୋନା ଆକ୍ରାନ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରୁ ଘରକୁ ଅଣାଯିବା ଓ ମୃତ୍ୟୁ ହେବା ପରେ ତାଙ୍କ ମୃତଦେହକୁ ପରିବାର ଲୋକେ ସତ୍କାର କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ବାଙ୍ଗିରିପୋଷି ପ୍ରଶାସନ ଜାଣି ନ ପାରିବା ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ହୋଇଛି।

ଏହି ବ୍ଲକ ଅଞ୍ଚଳରେ ଗତ ୨ଦିନ ମଧ୍ୟରେ ୨ଜଣଙ୍କର ମୃତ୍ୟୁ ହୋଇଛି। ଗୋଲାମୁଣ୍ଡାକଟା ପଞ୍ଚାୟତ ଜୁନା ଗ୍ରାମର ଲକ୍ଷ୍ମୀମଣି ନାଏକ (୫୨) ଗତ ଶୁକ୍ରବାର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟେଷ୍ଟ କରିବାରୁ ତାଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। ତେବେ ସେ ଦିନକୁ ଦିନ ଅଧିକ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ଏକ କାର୍ ଯୋଗେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ନେଇଥିଲେ। ସେଠାରେ ପୁଣିଥରେ ସ୍ୱାବ ପରୀକ୍ଷା ପରେ ସେ କରୋନାରେ ସଂକ୍ରମିତ ଥିବା ଜଣାପଡିଥିଲା । ତେବେ ପିଆରଏମ୍ ମେଡିକାଲରେ ସେ ଗୋଟିଏ ଦିନ ଆଇସୋଲେଶନ କେନ୍ଦ୍ରରେ ରହିବା ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବୁଧବାର ତାଙ୍କୁ ପରିବାର ଲୋକେ ଘରକୁ ନେଇଆସିବା ପରେ ସେ ଘରେ ପ୍ରାଣ ହରାଇଥିଲେ। ଏପରିକି ପରିବାର ଲୋକ ଗୁରୁବାର ସକାଳୁ ତାଙ୍କର ଅନ୍ତିମ ସଂସ୍କାର କରି ଦେଇଥିବା ଜଣାପଡିଛି। ଜଣେ କରୋନା ମୃତକଙ୍କୁ ସରକାରୀ ନିୟମ ଅନୁସାରେ ଶବଦାହ କରିବାର ନିର୍ଦ୍ଦେଶ ରହିଥିବା ବେଳେ ତାହା କରାଯାଇନାହିଁ। ଅନ୍ୟପକ୍ଷେ ପ୍ରଶାସନ ଅଗୋଚରରେ କୋଭିଡ ଡାକ୍ତରଖାନାରୁ ତାଙ୍କୁ କିପରି ଘରକୁ ନେବା ପାଇଁ ଅନୁମତି ଦିଆଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୦ ଦିନ ପରେ ଖୋଜି ପାଇଲେ ପୁଅ

**ବାରିପଦା ଅଫିସ, ୧୩।୫**

**କୋଭିଡ ହସ୍ପିଟାଲରୁ ରୋଗୀ ଗାଏବ ଘଟଣା**

ମୟୂରଭଞ୍ଜ ଜିଲା ବାଙ୍କୀଷୋଲସ୍ଥିତ କୋଭିଡ ହସ୍ପିଟାଲରୁ ରୋଗୀ ଗାଏବ ଅଭିଯୋଗ ହେବାର ୧୦ ଦିନ ପରେ ତାଙ୍କ ପତ୍ତା ମିଳିଛି। ଏନେଇ ତାଙ୍କ ପରିବାର ଲୋକେ ବାରିପଦା ସଦର ଥାନାରେ ଅଭିଯୋଗ କରିଥିଲେ।

ଶୁକୁଳି ବ୍ଲକ ଅଞ୍ଚଳର ୮୦ ବର୍ଷୀୟ ବୃଦ୍ଧ ଅଖିଳ ନାଏକ ଗତ ୩ ତାରିଖରେ ଝିଅ ଘରକୁ ଯାଉଥିବା ବେଳେ ସେ କରୋନା ସଂକ୍ରମିତ ହୋଇଥିବା ଖବରପାଇ ଆମ୍ବୁଲାନ୍ସ ରାସ୍ତା ମଝିରୁ ଉଠାଇନେଇଥିଲା। ତାଙ୍କୁ ପ୍ରଥମେ କରଞ୍ଜିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ବୃଦ୍ଧ ଅଖିଳଙ୍କୁ ଟାଟୋ କୋଭିଡ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଙ୍କୀଷୋଲସ୍ଥିତ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ହସ୍ପିଟାଲରେ ଅମ୍ଳଜାନର ଅଭାବ ଦେଖାଇ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ସିଧାସଳଖ ମନା କରିଦେଇଥିଲେ। ପରେ ତାଙ୍କୁ ବାରିପଦା ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଏ ସମ୍ପର୍କରେ ତାଙ୍କୁ ପରିବାର ଲୋକଙ୍କୁ ଖବର ଦିଆଯାଇ ନ ଥିଲା। ତେବେ ତାଙ୍କ ପୁଅ ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ଦୌଡ଼ି ନୟାନ୍ତ ହୋଇଥିଲେ। ଶେଷରେ ତାଙ୍କ ପୁତୁରା ରଞ୍ଜିତ କୁମାର ନାଏକ ବାରିପଦା ସଦର ଥାନାରେ ପହଞ୍ଚି କୋଭିଡ ହସ୍ପିଟାଲରୁ ରୋଗୀ ଗାଏବ ନେଇ ଲିଖିତ ଅଭିଯୋଗ କରିଥିଲେ। ଅନେକ ଖୋଜାଖୋଜି କରିବା ପରେ ପିଆରଏମ୍ ମେଡିକାଲ କଲେଜର ମେଡିସିନ ବିଭାଗରେ ବୃଦ୍ଧଜଣକ ଚିକିତ୍ସିତ ହେଉଥିବା ପୋଲିସ ସୂଚନା ଦେଇଛି।

## ଷଣ୍ଢ ବୋଝେଇ ଗାଡ଼ିକୁ ପୋଲିସ ଜିମା

**ଭଦ୍ରକ ଅଫିସ, ୧୩।୫**

ଭଦ୍ରକ ଗରଦପୁର ମିଲ୍ ଛକଠାରେ ଗୁରୁବାର ୩ ଷଣ୍ଢ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଗ୍ରାମବାସୀ ଅଟକ ରଖି ପୁରୁଣାବଜାର ଥାନା ପୋଲିସ ଜିମା ଦେଇଛନ୍ତି। ଚାଲାଣ ବେଳେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଟିକୁ ଉଦ୍ଧାର କରାଯାଇଛି।

## ବିଭିନ୍ନ ସ୍ଥାନରେ ସାନିଟାଇଜ୍

**ଆରଡ଼ି, ୧୩।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ସାନିଟାଇଜ୍ ସହ ସାମାଜିକ ଦୂରତ୍ୱ ଗୋଲ ଅଙ୍କନ କରାଯାଇଛି। ଆଖଣ୍ଡଳମଣି ମନ୍ଦିର ପରିସର, ଆରଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଏକ ଘରୋଇ ବ୍ୟାଙ୍କ, ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୋଷ୍ଟ ଅଫିସ ଓ ପୋଲିସ ଫାଣ୍ଡି ସାନିଟାଇଜ୍ କରାଯାଇଥିଲା।

# ‘ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟ ତୁରନ୍ତ ଆରମ୍ଭ ହେଉ’

**ଭଦ୍ରକ ଅଫିସ,୧୩।୫**

**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭଦ୍ରକ ଏମ୍‌ପି**

ଭଦ୍ରକରେ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଏମ୍‌ପି ମଞ୍ଜୁଲତା ମଣ୍ଡଳ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଛନ୍ତି। ଗୁରୁବାର ଏମ୍‌ପିଙ୍କ ବାସଭବନ ପରିସରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏମ୍‌ପି ମଣ୍ଡଳ ପ୍ରକାଶ କରିଛନ୍ତି। ବୈଠକରେ ଜାତୀୟ ରାଜପଥ ବାଲେଶ୍ୱରର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଏନ୍ଆର୍ଏଚ୍ଏମ୍‌ର ସହକାରୀ ଯନ୍ତ୍ରୀ ଜନ୍ମେଜୟ ଜେନା ଏବଂ ଅନ୍ୟ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏମ୍‌ପି ସମୀକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମତି ଆସିଲେ ଭଦ୍ରକରେ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରାଯିବ। ଯାହାର କ୍ଷମତା ୧୦୦ ଏଲ୍‌ପିଏମ୍ ବିଶିଷ୍ଟ ରହିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବର୍ମା ସୂଚନା ଦେଇଥିଲେ।

ଏହାବ୍ୟତୀତ ଭଦ୍ରକ ସଂସଦୀୟ କ୍ଷେତ୍ର ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ୪ ନିର୍ବାଚନମଣ୍ଡଳୀ ଅଧୀନ ଆଖୁଆପଦାଠାରୁ ବାହାନଗା ପର୍ଯ୍ୟନ୍ତ ଚାଲୁରହିଥିବା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଚରମ୍ପା ଆଇଟିଆଇ ଛକ, କଲେଜ ଏବଂ ତ୍ରିଶଳପୁର ଛକ ନିକଟରେ ଯାତାୟାତରେ ସୁବିଧା ଲାଗି ଗଳାପୋଲ ନିର୍ମାଣ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭଣ୍ଡାରିପୋଖରୀର ଯଶଟିକିରି ଓ ସୋରସ୍ଥିତ ବିଦୁଠାରେ ଗଳାପୋଲ ନିର୍ମାଣ ପାଇଁ ପୂର୍ବରୁ ଏମ୍‌ପି ମଣ୍ଡଳଙ୍କ ପ୍ରସ୍ତାବ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବର୍ମା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଏମ୍‌ପିଙ୍କ ପ୍ରତିନିଧି ମଳୟ ଜେନା ଓ ଅଶୋକ ବଳ, ଗୁଆମାଳ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ‘ଡିଆର୍‌ଡିଓ ପକ୍ଷରୁ କୋଭିଡ୍ ହସ୍‌ପିଟାଲ ଖୋଲାଯାଉ’

**ବାଲେଶ୍ୱର ଅଫିସ, ୧୩।୫**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ**

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱରରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା କୋଭିଡ୍ ହସ୍‌ପିଟାଲ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁରୁବାର ଚିଠି ଲେଖି ଅନୁରୋଧ କରିଛନ୍ତି।

ଦେଶର ମହାମାରୀ କରୋନା ସହ ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ପ୍ରତିରକ୍ଷା ବିଭାଗ ଦ୍ୱାରା ବିଭିନ୍ନ ରାଜ୍ୟରେ ଅତ୍ୟାଧୁନିକ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ପ୍ରସ୍ତାବ ରଖିଛନ୍ତି। କିନ୍ତୁ ରାଜ୍ୟ ସରକାର ପ୍ରସ୍ତାବ ଦେଲେ କାର୍ଯ୍ୟକାରୀ ହେବା ସହଜ ହେବ। ଏଥିନିମନ୍ତେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଅକ୍ସିଜେନ୍, ଆଇସିୟୁ ଶଯ୍ୟା ଥିବା କୋଭିଡ୍ ହସ୍ପିଟାଲ ଖୋଲିବାକୁ ରାଜ୍ୟ ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେବା ପାଇଁ ଚିଠିରେ ଅନୁରୋଧ କରିଛନ୍ତି।

